ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 841/09-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୦୯ ଡିସେମ୍ବର,୨୦୨୦**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । 'ବନ୍ଦେ ଉତ୍କଳ ଜନନୀ' ଭଳି କାଳଜୟୀ ରଚନା ସହ ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କର ଅମ୍ଳାନ କୃତି ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ମାନ୍ୟବର କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଓ ମାନ୍ୟବର ମନ୍ତ୍ରୀ ପ୍ରେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ ଓ ଇସ୍ପାତ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବରିଷ୍ଠ ଅଧିକାରୀମାନଙ୍କ ସହିତ ନିକଟରେ ସଂପନ୍ନ ହୋଇଥିବା ଖଣି ନିଲାମଜନିତ ବିଭିନ୍ନ ପ୍ରସଙ୍ଗ, ଖଣି ସଂସ୍କାର ଏବଂ ରାଜ୍ୟରେ ଖଣି କ୍ଷେତ୍ର ସଂପୃକ୍ତ ଅନ୍ୟ ବିଷୟଗୁଡ଼ିକ ଉପରେ ଆଲୋଚନା କରିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ନିରନ୍ତର ଖଣିଜ ପଥର ଯୋଗାଣ ଏବଂ ନିଯୁକ୍ତି ତଥା ରାଜ୍ୟର ରାଜସ୍ୱ ଆୟ ସଂଗ୍ରହ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଆହୁରି ଖଣି ସଂସ୍କାର ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଖଣିଗୁଡ଼ିକର ନିଲାମ କାର୍ଯ୍ୟ ସଫଳ ଭାବେ ସଂପାଦନ କରିବାରେ ଓଡ଼ିଶା ଅନ୍ୟତମ ଅଗ୍ରଣୀ ରାଜ୍ୟ । ତଥାପି, ଖଣି କାର୍ଯ୍ୟ ଆରମ୍ଭ କରିବାରେ କିଛି ତ୍ରୁଟି ରହିଥିବାରୁ ଉତ୍ପାଦନ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇ ବ୍ୟବହାରକାରୀ ଶିଳ୍ପସଂସ୍ଥାଗୁଡ଼ିକ ପାଇଁ ଖଣିଜ ଦ୍ରବ୍ୟ ନିଅଣ୍ଟ ଓ ମୂଲ୍ୟବୃଦ୍ଧି ଘଟିଛି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉତ୍ପାଦନ ଓ ପରିବହନ କ୍ଷେତ୍ରରେ ଏପରି ପ୍ରତିବନ୍ଧକ ଓ ଅନିଶ୍ଚିତତା, ସ୍ୱତନ୍ତ୍ର ଭାବରେ ବର୍ତ୍ତମାନ ସମୟରେ ବାଞ୍ଛନୀୟ ନୁହେଁ । ସେ କହିଛନ୍ତି ଯେ ଖଣିଜ ପଦାର୍ଥର ନିଅଣ୍ଟ ଓ ଏହାର ଫଳ ସ୍ୱରୂପ ମୂଲ୍ୟବୃଦ୍ଧି ଯୋଗୁଁ ସ୍ପଞ୍ଜ ଆଇରନ୍ ସମେତ କ୍ଷୁଦ୍ର ଓ ମଧ୍ୟମ ଧରଣର ଇସ୍ପାତ ଶିଳ୍ପଗୁଡ଼ିକ ପ୍ରତି ଆହ୍ୱାନ ସୃଷ୍ଟି ହୋଇଛି ଏବଂ ଏହା ଫଳରେ ରାଜ୍ୟର ରାଜସ୍ୱ ଆୟ ତଥା ସେହି କ୍ଷେତ୍ର ଉପରେ ନିର୍ଭରଶୀଳ ଲୋକମାନଙ୍କ ଜୀବିକା ପ୍ରଭାବିତ ହୋଇଛି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟର ରାଜସ୍ୱ ବୃଦ୍ଧି ତଥା ଲୋକମାନଙ୍କ ନିଯୁକ୍ତି ଜଡ଼ିତ ହୋଇଥିବାରୁ ଆଲୋଚ୍ୟ ପ୍ରସଙ୍ଗଗୁଡ଼କ ଉପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

➢ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି । କ୍ୟାବିନେଟ୍‌ରେ ଗୃହୀତ ହୋଇଥିବା କେତେକ ପ୍ରମୁଖ ନିଷ୍ପତ୍ତି ନିମ୍ନରେ ପ୍ରଦାନ କରାଗଲା:

- ଓଡ଼ିଶା ସରକାର ଫୁଲବାଣୀରେ ୧୦୦ ଆସନବିଶିଷ୍ଟ ଗୋଟିଏ ନୂଆ ମେଡିକାଲ କଲେଜ୍ ଓ ଟିଚିଂ ହସ୍‌ପିଟାଲ୍ ଏବଂ କୋରାପୁଟସ୍ଥିତ ନୂତନ ସରକାରୀ ମେଡିକାଲ୍ କଲେଜ୍ ସକାଶେ ୬୫୦ ଶଯ୍ୟାବିଶିଷ୍ଟ ଗୋଟିଏ ଟିଚିଂ ହସ୍‌ପିଟାଲ୍ ନିର୍ମାଣ କରିବା ପାଇଁ ସ୍ଥିର କରିଛନ୍ତି । ଏହା ଫଳରେ ଡାକ୍ତରୀ ଶିକ୍ଷାର ବିକାଶ, ଶିକ୍ଷିତ ଡାକ୍ତର ସୃଷ୍ଟି ସାଙ୍ଗକୁ ସାଧାରଣ ଲୋକଙ୍କ ଆବଶ୍ୟକତା ପୂରଣ ହୋଇପାରିବ ।

- ଓଡ଼ିଶା ସରକାର ବରଗଡ଼ ଜିଲ୍ଲାରେ ନିରାପଦ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ବସୁଧା ପାଣ୍ଠିରୁ ଗ୍ରାମୀଣ ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲାର ୭ଟି ବ୍ଲକ୍ ଅଧୀନସ୍ଥ ୧୩୮ଟି ଗ୍ରାମପଞ୍ଚାୟତର ୫୧୫ ଗ୍ରାମର ୭ ,୩୭,୩୬୮ ଲୋକ ଉପକୃତ ହୋଇପାରିବେ ।

- ରାଜ୍ୟ ସରକାର କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସମସ୍ତ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ଏମ୍.ଏସ୍ ସ୍ୱାମୀନାଥନ୍ କମିଟି ପ୍ରଦାନ କରିଥିବା ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପୂର୍ବରୁ କରିଥିବା ଅନୁରୋଧକୁ ଦୋହରାଇ ପୁଣିଥରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୨,୫୦,୫୯୩ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୨,୨୯୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୧୬,୯୭୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୭୮୯ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩,୪୮୭ ରହିଛି ।
- ୩,୪୮୭ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**